# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

## ପ୍ରକଳ୍ପ ସୂଚନାପତ୍ର

ଭାଗ - ୨ ସଂସ୍କରଣ - ୨

ଏପ୍ରିଲ୍-ଜୁନ, ୨୦୦୮

### ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଲେଖନୀରୁ........

### ପ୍ରକଳ୍ପ ଅଂଚଳରେ ଜୀବିକା ନିର୍ବାହରେ ବିକାଶ

ପ୍ରକଳ୍ପ କାର୍ଯ୍ୟକାରିତାରେ ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷ ଆନ୍ତରିକ ଉଦ୍ୟମ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଜଙ୍ଗଲ ଓ ଗୋଷ୍ଠୀର ମିଳିତ ସମୃଦ୍ଧି ଉପରେ ଲକ୍ଷ୍ୟ ରଖିଛି । ଉତ୍ସର୍ଗୀକୃତ ତୃଣମୂଳ ସ୍ତରୀୟ କର୍ମକର୍ତ୍ତା, ଅଙ୍ଗୀକାରବଦ୍ଧ ଅଣ ସରକାରୀ ସଂଗଠନ ଏବଂ ଉତ୍ସାହିତ ଗୋଷ୍ଠୀ ବିଭିନ୍ନ ଅସୁବିଧା ସତ୍ତ୍ୱେ ସୁସ୍ଥ ଜଙ୍ଗଲ ଓ ଗୋଷ୍ଠୀ ଉନ୍ନୟନର ସ୍ୱପ୍ନକୁ ସାକାର କରିବା ନିମନ୍ତେ ଏହି ପ୍ରକଳ୍ପରେ ୩ଟି ଗୁରୁତ୍ୱପୂର୍ଣ୍ଣ ସମଭଳି କାର୍ଯ୍ୟ କରୁଛନ୍ତି ।

ଜଙ୍ଗଲ ଚାରିପାଖରେ ଏବଂ ସ୍ଥାନୀୟ ପ୍ରାକୃତିକ ସମ୍ବଳ ମଧ୍ୟରେ ଜୀବିକା ନିର୍ବାହରେ ବିକାଶ ଏହି ପ୍ରକଳ୍ପର ଏକ ମୁଖ୍ୟ ଉପାଂଶ । ଏଥିନିମନ୍ତେ ପ୍ରକଳ୍ପ ତରଫରୁ ସ୍ଥାନୀୟ ଅଞ୍ଚଳ ପାଇଁ ଜୀବିକା ନିର୍ବାହ ସୁଯୋଗ ଚିହ୍ନଟ କରି ଏଗୁଡ଼ିକର କେନ୍ଦ୍ରାଭିମୁଖୀ କାର୍ଯ୍ୟକାରିତା ପାଇଁ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି । ଖାଦ୍ୟ ପରିପୂରକ ବୃକ୍ଷରୋପଣ, ପ୍ରକଳ୍ପ ଅନ୍ତର୍ଗତ ଗ୍ରାମଗୁଡ଼ିକ ମଧ୍ୟରେ ଭିତ୍ତିଭୂମି ବିକାଶ ଏବଂ ଗ୍ରାମ ସ୍ତରୀୟ ଉଦ୍ୟୋଗ ତଥା ଜୀବିକା ସମର୍ଥିତ କାର୍ଯ୍ୟକ୍ରମ ମାଧ୍ୟମରେ ଏଥିନିମନ୍ତେ ସମସ୍ତ ସହାୟତା ବୃଦ୍ଧି କରିବାର ପ୍ରଚେଷ୍ଟା କରାଯାଉଛି ।

ବନ ସଂରକ୍ଷଣ ସମିତି ଦ୍ୱାରା ବନବିଭାଗ କର୍ମକର୍ତ୍ତା ଓ ଅଣସରକାରୀ ସଂଗଠନଙ୍କ ସହାୟତାରେ ଅଞ୍ଚଳ ଭିତ୍ତିକ ଅଣୁଯୋଜନା ଚୂଡ଼ାନ୍ତ ହେବା ପରେ ନିର୍ଦ୍ଧାରିତ ବନାଞ୍ଚଳରେ ପୁନରୁଦ୍ଧାର ସହିତ ଭିତ୍ତିଭୂମି ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକର ପରିଚାଳନା ଆରମ୍ଭ କରାଯାଇଛି । ଗୋଷ୍ଠୀମାନେ ବନବିଦ୍ୟାର ବିଭିନ୍ନ ଦିଗ ଓ ଜୀବିକା ନିର୍ବାହନ ବିକାଶ ସମ୍ବନ୍ଧରେ ଯେପରି ଜ୍ଞାନ ଆହରଣ କରିପାରିବେ ଓ କୌଶଳ ହାସଲ କରିପାରିବେ ସେଥିପାଇଁ ପ୍ରକଳ୍ପ ସ୍ତରରେ ଏବଂ



ତୃଣମୂଳ ସ୍ତରରେ ନିୟମିତ ପ୍ରଶିକ୍ଷଣ ଦିଆଯାଉଛି । ଦୀର୍ଘମିଆଦୀ ପୁଷ୍ଟି ନିରାପତ୍ତା ଯୋଗାଣ ପାଇଁ ସଜନା, ଅମୃତଭଣ୍ଡା, କଲମି ଆମ୍ବ ଏବଂ ଅନ୍ୟାନ୍ୟ ଖାଦ୍ୟ ପରିପୂରକ ବୃକ୍ଷ ଘରୋଇ ଜମି ଅଥବା ମନୋନୀତ ବନ ସଂରକ୍ଷଣ ସମିତିରେ ଥିବା ଖାଲି ଜାଗାରେ ରୋପଣ କରାଯାଉଛି । ପ୍ରକଳ୍ପର ଅସଲ ଉଦ୍ଦେଶ୍ୟ ସାଧନ ପାଇଁ ଏକ ନିରବଚ୍ଛିନ୍ନ ଉଦ୍ୟମର ରଣକୌଶଳ ହିସାବରେ ଜୀବିକା ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରାଯାଏ । ଅଣକାଷ୍ଠ ବନଜାତ ଦ୍ରବ୍ୟ ଓ ଅନ୍ୟାନ୍ୟ ସ୍ଥାନୀୟ ଦ୍ରବ୍ୟର ଅଭାବୀ ବିକ୍ରି ବନ୍ଦ କରିବା ନିମନ୍ତେ ଏଗୁଡ଼ିକର ମୂଲ୍ୟ ସଂଯୋଗ କରି ଉପାର୍ଜନ ବୃଦ୍ଧି କରିବାର ପ୍ରାରମ୍ଭିକ ପ୍ରଚେଷ୍ଟାରୁ ଉତ୍ସାହମୂଳକ ଫଳ ମିଳିପାରିଛି । ଏହିସବୁ କାର୍ଯ୍ୟକ୍ରମ ତୃଣମୂଳ ସ୍ତରୀୟ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଆତ୍ମପ୍ରତ୍ୟୟ ବୃଦ୍ଧିକରିବା ସହିତ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଏବଂ ପ୍ରତିପାଳକ ଜୀବିକା ନିର୍ବାହନର ଦାୟିତ୍ୱ ବୃଦ୍ଧିକରିବାରେ ସହାୟକ ହେବ ।

ଅଞ୍ଚଳ ଭିତ୍ତିକ ପ୍ରତିପାଳନକ୍ଷମ ବିକଳ୍ପ ଜୀବିକା ନିର୍ବାହନ ପଦକ୍ଷେପର ମନୋନୟନ ପ୍ରକ୍ରିୟା ଚାଲୁରଖିବା ସହିତ ପ୍ରକଳ୍ପ ତରଫରୁ ସରକାରୀ ଉଦ୍ୟମରେ ପ୍ରଚଳିତ ବିଭିନ୍ନ ଯୋଜନା ମାଧ୍ୟମରେ ଜୀବିକା ନିର୍ବାହ ଉନ୍ନତି ନିମନ୍ତେ ଏକଜୁଟ୍ ଉଦ୍ୟମ କରାଯାଉଛି । କ୍ଷେତ୍ର ପରିଦର୍ଶନ ଏବଂ ଗୋଷ୍ଠୀ ସହ ଆଳାପ କାଳରେ ସହଯୋଗୀ ଗୋଷ୍ଠୀମାନଙ୍କର ଏକ ସମୃଦ୍ଧ ଭବିଷ୍ୟତ ନିମନ୍ତେ ଥିବା ଆତ୍ମପ୍ରତ୍ୟୟ ଏବଂ ଅଙ୍ଗୀକାରବଦ୍ଧତା ହୃଦୟଙ୍ଗମ କରି ମୁଁ ବହୁ ଆନନ୍ଦିତ । ଜଙ୍ଗଲ ମଧ୍ୟରେ ବାସକରୁଥିବା ଆମର ଗୋଷ୍ଠୀମାନଙ୍କର ସ୍ୱପ୍ନପୂରଣ କରିବାର ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଗଭୀର ଉଦ୍ୟମ କରିବା ନିମନ୍ତେ ଆମର କ୍ଷେତ୍ରୀୟ ସାଥୀମାନଙ୍କୁ ମୁଁ ଉତ୍ସାହିତ କରିବା ଉଚିତ ମନେ କରୁଛି ।

ଅରୁଣ କୁମାର ବଂସଲ୍

## ପରିବର୍ତ୍ତିତ ଜୀବନ - ନିର୍ବାସିତ ପିତାମହଲରେ ଆଶାର ନୌକା



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ରାଜଗାଙ୍ଗପୁର ରେଞ୍ଜର ଏକ ଅତ୍ୟନ୍ତ ପଛୁଆ ଓ କ୍ଷୁଦ୍ରଗ୍ରାମ ହେଉଛି ପିତାମହଲ । ପିତାମହଲ ବନ୍ଧ ଯୋଗୁ ଏହି ଗ୍ରାମଟି ଅନ୍ୟ ଅଞ୍ଚଳ ଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ଗାଁକୁ କୌଣସି ରାସ୍ତା ନଥିବାରୁ ଲୋକମାନେ ଏକ ଛୋଟ ମାଛଧରା ଡଙ୍ଗା ସାହାଯ୍ୟରେ ଯିବାଆସିବା କରନ୍ତି । ଗ୍ରାମବାସୀ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା ସହିତ ଜାଳେଣୀ କାଠ ବିକ୍ରୟ ନିମନ୍ତେ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଗାଁକୁ କୌଣସି ଗମନାଗମନ ସୁବିଧା ନଥିବାରୁ ଛାତ୍ର, ରୋଗୀ ଓ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପିତାମହଲ ବନ ସଂରକ୍ଷଣ ସମିତି ମାଧ୍ୟମରେ ଏପରି ଏକ ଗାଁରେ ସାମାଜିକ ପରିବର୍ତ୍ତନ ଆଣିପାରିଛି ।

ଏପରି ଗ୍ରାମକୁ ପ୍ରକଳ୍ପ ତରଫରୁ ବଛାଗଲା ବେଳେ କେହିହେଲେ ଏଥିରେ ସମ୍ମତ ହେଉନଥିଲେ । ପରିଶେଷରେ ଗ୍ରାମ ବନସେବକ ଶ୍ରୀ ବି.କେ. କୋଠି ଏହାକୁ ଏକ ପ୍ରକଳ୍ପ ଗ୍ରାମ ହିସାବରେ ନେବାକୁ ସାହସ କଲେ । ଗ୍ରାମବାସୀଙ୍କ ସକ୍ରିୟ ଅନ୍ତର୍ଭୁକ୍ତିରେ କ୍ଷେତ୍ର କର୍ମୀମାନେ ଏହି ଗ୍ରାମରେ ଜନସଚେତନତା ଓ ଦକ୍ଷତା ଗଠନ

କ୍ରମଶ ପୃଷ୍ଠା ୮

## ଜାପାନ ଅନ୍ତର୍ଜାତୀୟ ସହଯୋଗ ବ୍ୟାଙ୍କ ସର୍ବେକ୍ଷଣ ମିଶନର ପରିଦର୍ଶନ







ଜାପାନ ଆନ୍ତର୍ଜାତୀୟ ସହଯୋଗ ବ୍ୟାଙ୍କ (ଜେ.ବି.ଆଇ.ସି.)ର ସର୍ବେକ୍ଷଣ ମିଶନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ଗତ ମେ ମାସ ୧୯ ରୁ ୨୩ ତାରିଖ ମଧ୍ୟରେ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ପରିବେଶୀୟ ଏବଂ ସାମାଜିକ ବିଚାର ନିମନ୍ତେ ପ୍ରଚଳିତ ମାର୍ଗଦର୍ଶିକା କାର୍ଯ୍ୟକାରିତାର ସ୍ଥିତି ଅନୁଧ୍ୟାନ କରିବା । ଏଥି ପାଇଁ ଭାରତ ସରକାର, କାର୍ଯ୍ୟକାରୀ ସଂସ୍ଥା, ପ୍ରକଳ୍ପ ପ୍ରଭାବିତ ଅଧିବାସୀ ଏବଂ ସ୍ଥାନୀୟ ଅଣସରକାରୀ ସଂଗଠନ ସହିତ ସାକ୍ଷାତକାର କରାଯାଇଥିଲା । ଏହି ସର୍ବେକ୍ଷଣ ମିଶନ୍‌ରେ ମିଃ କୁଇଚିରୋ ସାହାରା, ପରିବେଶ ଅନୁଶୀଳନ ବିଭାଗର ଉପ ନିର୍ଦ୍ଦେଶକ, ମିସ୍ ଟୋମୋକୋ ଟାଉଚି, ପରିବେଶ ଅନୁଶୀଳନ ବିଭାଗ ଓ ମିସ୍ କନୁକୋ ମିତାନୀ, ନୂଆଦିଲ୍ଲୀସ୍ଥ ଜେ.ବି.ଆଇ.ସି.ର ରାଷ୍ଟ୍ର ପଦାଧିକାରୀ ପରିଭ୍ରମଣ କରିଥିଲେ । ସେମାନେ ଫୁଲବାଣୀ ବନଖଣ୍ଡର କାଇତି, ସୁଡୁଲି, ସିଦିଙ୍ଗି, ବୀରଗୁଡ଼ା, ମାଝିଆପଣ ବନସଂରକ୍ଷଣ ସମିତି ଏବଂ ଅନୁଗୁଳ ବନଖଣ୍ଡର ହନୁମାନପୁର, ରାଜନଗର, ବଡ଼ଦାଣ୍ଡସାହି, ମଦନମୋହନ ପାଟଣା ଓ ଦଳକ ବନ ସଂରକ୍ଷଣ ସମିତି ବୁଲି ଦେଖିଥିଲେ । ସର୍ବେଦଳ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ପରେ ସର୍ଭେ ମିଶନ୍ ପ୍ରକଳ୍ପ ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ ।

## ମିଶନ୍‌ର ଦ୍ୱିତୀୟ ତଥ୍ୟ ଅନୁସନ୍ଧାନକାରୀ ଦଳ

ଏକ ମିଶନ ଦ୍ୱିତୀୟ ତଥ୍ୟ ଅନୁସନ୍ଧାନକାରୀ ଦଳ  ଦଳ ହିସାବରେ ମିଃ ଏମ୍. ନରସାପ୍ପା, ଉନ୍ନୟନ ସହାୟତା ବିଭାଗ ୩ର ନିର୍ଦ୍ଦେଶକ, ଜେ.ବି.ଆଇ.ସି., ଟୋକିଓରେ ଦ୍ୱିତୀୟ ଡିଭିଜନ୍ ଏବଂ ମିଃ ବିନିତ୍ ସାରିନ୍, ଅଗ୍ରଣୀ ଆଞ୍ଚଳିକ ବିଶେଷଜ୍ଞ, ନୂଆଦିଲ୍ଲୀସ୍ଥ ଜେ.ବି.ଆଇ.ସି. କାର୍ଯ୍ୟାଳୟ ଜୁନ୍ ୧୪ ଓ ୧୫ ତାରିଖ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ସେମାନେ ଅନୁଗୋଳ ବନଖଣ୍ଡର ରଡୁକୁଇଁ, ବଳାଙ୍ଗୀ ଓ ହିଡିସିଙ୍ଗ ବନ ସଂରକ୍ଷଣ ସମିତି ପରିଭ୍ରମଣ କରିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରକଳ୍ପ ପରିଚାଳନା ୟୁନିଟ୍‌ର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପ୍ରକଳ୍ପ ପରିଚାଳନା ୟୁନିଟ୍‌ରେ ସମାପନ ବୈଠକରେ ପ୍ରକଳ୍ପ କାର୍ଯ୍ୟକାରିତାରେ ଗ୍ରାମବାସୀଙ୍କର ସକ୍ରିୟ ସହଭାଗିତା ନିମନ୍ତେ ସେମାନେ ସନ୍ତୋଷ ପ୍ରକାଶ କରିଥିଲେ ।

## ସାଧାରଣ ପରିଷଦ ବୈଠକ

ରାଜ୍ୟ ସଚିବାଳୟର ଦ୍ୱିତୀୟ ମହଲା ସମ୍ମେଳନ କକ୍ଷରେ ଜୁନ ୯ ତାରିଖ ଦିନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ରାଜ୍ୟ କୃଷି ଉତ୍ପାଦନ କମିଶନର ତଥା ସମିତିର ଉପ-ସଭାପତି ଶ୍ରୀ ସତ୍ୟପ୍ରକାଶ ନନ୍ଦ, ଆଇ.ଏ.ଏସ୍. । ସମିତିର ସମସ୍ତ ବିଷୟ ଆଲୋଚିତ ହେବା ସହିତ ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ସମିତିର ବାର୍ଷିକ ବିବରଣୀ ଗୃହୀତ ହୋଇଥିଲା । ଏହି ଅବସରରେ ଏପ୍ରିଲ୍ ୨୦୦୮ର ତ୍ରୈମାସିକ ଓଡ଼ିଆ ଭାଷାରେ ସୂଚନାପତ୍ର ଏବଂ ସହଭାଗୀ ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ ୩ଟି ପ୍ରଚାର ପର୍ଚ୍ଚ ଉନ୍ମୋଚନ କରାଯାଇଥିଲା ।

## ଆଞ୍ଚଳିକ ବିଦେଶ ସହାୟତା କର୍ମଶାଳା




ଜୁନ ୨୩ ଓ ୨୪ ତାରିଖରେ ବିଦେଶୀ ରାଷ୍ଟ୍ର ଠାରୁ ବୈଦେଶିକ ପାଣ୍ଠି ସହାୟତା ପ୍ରାପ୍ତ ପ୍ରକଳ୍ପ ଉପରେ ଭାରତର ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଦୁଇ ଦିନିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜେ.ବି.ଆଇ.ସି., ବିଶ୍ୱବ୍ୟାଙ୍କ ଓ ଏସିଆ ଉନ୍ନୟନ ବ୍ୟାଙ୍କ ପରି ବୈଦେଶିକ ଉନ୍ନୟନ ଅଂଶୀଦାରମାନଙ୍କ ନିମନ୍ତେ ଏକ ବିଚାର ମଞ୍ଚ ଯୋଗାଇବା ଏବଂ ପୂର୍ବାଞ୍ଚଳ ରାଜ୍ୟମାନଙ୍କୁ ଏପରି ବୈଦେଶିକ ସହାୟତା ପ୍ରକ୍ରିୟା ଓ ଅଗ୍ରାଧିକାର ସମ୍ବନ୍ଧରେ ଅବଗତ କରାଇବା । ଏହି କର୍ମଶାଳାରେ ଓଡ଼ିଶାର ପଦାଧିକାରୀ ଦଳର ସଦସ୍ୟ ହିସାବରେ ଶ୍ରୀ ଅରୁଣ କୁମାର ବଂସଲ, ପ୍ରକଳ୍ପ ନିର୍ଦ୍ଦେଶକ ଯୋଗଦାନ କରିଥିଲେ ।





## ଦକ୍ଷତା ଗଠନ

### ଅଣୁଯୋଜନା ଉପରେ ନୂଆ ଦିଗଦର୍ଶନ ପ୍ରଶିକ୍ଷଣ





ଜୁଲାଇ ୫ ରୁ ୧୮ ତାରିଖ ମଧ୍ୟରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ଠାରେ ୩ଟି ଦଳରେ ଅଣୁଯୋଜନା ସଂକ୍ରାନ୍ତୀୟ ନୂଆ ଦିଗଦର୍ଶନ ପ୍ରଶିକ୍ଷଣ ସୁଗମକାରୀଙ୍କ ନିମନ୍ତେ ନିୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ୧୦ ଜଣ ରେଞ୍ଜ ଅଧିକାରୀ, ୫୨ ଟି ଅଣସରକାରୀ ସଂଗଠନର ଦଳପତି, ୨୩ ଜଣ ବନ ସଂପ୍ରସାରଣ ଅଧିକାରୀଙ୍କ ସମେତ ଦୁଇଜଣ ଉନ୍ନୟନ ଅଫିସର ୧୧ଟି ପ୍ରକଳ୍ପ ଡିଭିଜନରୁ ଆସି ଅଂଶଗ୍ରହଣ କରିଥିଲେ । ପ୍ରଥମ ପର୍ଯ୍ୟାୟଭୁକ୍ତ ବନ ସଂରକ୍ଷଣ ସମିତିଗୁଡ଼ିକ ନିମନ୍ତେ ଅଣୁଯୋଜନା ପ୍ରସ୍ତୁତି କରିଥିବା କର୍ମକର୍ତ୍ତାଙ୍କ ମନକୁ ସତେଜ କରିବା ସହିତ ଗୁଣାତ୍ମକ ଭାବରେ ଅଣୁଯୋଜନାର ଉନ୍ନତି ନିମନ୍ତେ ଏହି ପ୍ରଶିକ୍ଷଣକୁ କେନ୍ଦ୍ରିତ କରାଯାଇଥିଲା । ଏହି ପ୍ରଶିକ୍ଷଣରେ ଯେଉଁସବୁ ପ୍ରସଙ୍ଗ ଆଲୋଚନା କରାଯାଇଥିଲା ସେଗୁଡ଼ିକ ହେଲା ଅଣୁଯୋଜନା ପ୍ରସ୍ତୁତି ପାଇଁ ଅନୁସରଣ କରାଯାଇଥିବା ପଦକ୍ଷେପ ଓ ପ୍ରଣାଳୀ, ଗୋଷ୍ଠୀ ଗଠିଶୀଳନ ଓ ସଂଗଠନ, ଗୋଷ୍ଠାଦ୍ୟ ପରିଚାଳନା, ଅର୍ଣ୍ଣ ନିୟନ୍ତ୍ରଣ, ରୋଜଗାରକ୍ଷମ କାର୍ଯ୍ୟକ୍ରମ, ସହଭାଗୀ ଗ୍ରାମ୍ୟ ଅବଧାରଣା, ମୃତ୍ତିକା ସଂରକ୍ଷଣ ଏବଂ ବନ ସଂରକ୍ଷଣ ସମିତିର ଆୟବ୍ୟୟ ହିସାବ ଇତ୍ୟାଦି ।

ଏହି ପ୍ରଶିକ୍ଷଣରେ ଯୋଗଦେଇଥିବା ସମସ୍ତ କର୍ମକର୍ତ୍ତା ସନ୍ତୋଷ ପ୍ରକାଶ କରିବା ସହିତ ପରିବର୍ତ୍ତିତ ଧାରାରେ ଦିଆଯାଇଥିବା ତଥ୍ୟ ଅନୁସରଣରେ ଭବିଷ୍ୟତରେ ଅଣୁଯୋଜନା ପ୍ରସ୍ତୁତିରେ ସମର୍ଥ ହେବାର ପ୍ରତିଶ୍ରୁତି ଦେଇଥିଲେ ।

## 'ପ୍ରକଳ୍ପ ଏବଂ ସମୟ ପରିଚାଳନା' ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମେ ମାସ ୨୬ ରୁ ୨୮ ମଧ୍ୟରେ ଖଣ୍ଡୀୟ ପରିଚାଳନା କମିଟିର ମୁଖ୍ୟ ଓ ଉପମୁଖ୍ୟଙ୍କ ପାଇଁ ଭୁବନେଶ୍ୱରସ୍ଥ ଜାଭିୟର ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ 'ପ୍ରକଳ୍ପ ଏବଂ ସମୟ ପରିଚାଳନା' ଉପରେ ଏକ ତିନି ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମ ନିଷ୍ପାଦନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ପ୍ରଶିକ୍ଷଣ ଆବଶ୍ୟକତାକୁ ବିଚାର କରି ଏହି ପ୍ରଶିକ୍ଷଣ ପରିକଳ୍ପନା କରାଯାଇଥିଲା । ପ୍ରଶିକ୍ଷଣ ଅଧିବେଶନରେ ସମୟ ଓ ପ୍ରକଳ୍ପ ପରିଚାଳନା କୌଶଳଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଖଣ୍ଡୀୟ ମୁଖ୍ୟ ଓ ଉପମୁଖ୍ୟ ମାନେ ଧରାବନ୍ଧା କାର୍ଯ୍ୟ ସହିତ ପ୍ରକଳ୍ପ ପାଇଁ ଅତିରିକ୍ତ କାର୍ଯ୍ୟ କରୁଥିବାରୁ ସେମାନଙ୍କ ନିମନ୍ତେ ସମୟ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ ପ୍ରକଳ୍ପର ଚାହିଦା ମୁତାବକ ସର୍ବନିମ୍ନ ପରିଚାଳନା ୟୁନିଟ୍ (ଗୋଷ୍ଠୀ ସ୍ତରୀୟ) ପର୍ଯ୍ୟନ୍ତ ବିକେନ୍ଦ୍ରୀକୃତ ନିଷ୍ପତ୍ତି ନିଆଯାଉଥିବାରୁ ସମୟ ପରିଚାଳନା, ଦୃଢ଼ୋକ୍ତି ଏବଂ ଅଧିକାର ବଣ୍ଟନ ଇତ୍ୟାଦି କୌଶଳ ଆୟତ୍ତ କରିବା ପ୍ରକଳ୍ପ ଅଧିକାରୀଙ୍କ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । ପ୍ରକଳ୍ପ ଦସ୍ତାବିଜରେ ପ୍ରକଳ୍ପର ଉଦ୍ଦେଶ୍ୟ ଓ କାର୍ଯ୍ୟକାରୀ ମାର୍ଗ ସ୍ପଷ୍ଟଭାବରେ ଉଲ୍ଲେଖ କରାଯାଇଥିବାରୁ ଏବଂ ଏହାର କାର୍ଯ୍ୟକାରିତା ପ୍ରକଳ୍ପ ଢଙ୍ଗରେ କରାଯାଉଥିବାରୁ ପ୍ରକଳ୍ପ ପରିଚାଳନା କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଂଶଗ୍ରହଣ କରିଥିବା ଅଧିକାରୀ ଏହି ପ୍ରଶିକ୍ଷଣ ସନ୍ତୋଷଜନକ ଥିବା ପ୍ରକାଶ କରିଥିଲେ । ଏହି ପ୍ରଶିକ୍ଷଣ ସେମାନଙ୍କ ସମୟ ପରିଚାଳନା ସହିତ କାର୍ଯ୍ୟାଳୟକୁ ଗତିଶୀଳ କରିବାରେ ସାହାଯ୍ୟ କରିବ । ପ୍ରଶିକ୍ଷଣ ଉଦ୍‌ଯାପନ ଅଧିବେଶନରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ ଯୋଗଦାନ କରିଥିଲେ । ପ୍ରଫେସର ସବିତା ମହାନ୍ତି, ପ୍ରଫେସର ଗ୍ରିନଫ୍ରେଡ୍ ଉଇଲିୟମ ଏବଂ ପ୍ରଫେସର ନୀରଜ କୁମାର ପ୍ରଶିକ୍ଷଣ ଅଧିବେଶନରେ ପ୍ରଶିକ୍ଷକ ହିସାବରେ ଅଂଶଦାନ କରିଥିଲେ ।

## ଜିଆଖତ ଉତ୍ପାଦନ

### .... ଏକ ମୃତ୍ତିକା ସଜୀବକ



ପ୍ରକଳ୍ପ ତରଫରୁ ରାଉରକେଲା ସେକ୍ଟର-୮ ଅଞ୍ଚଳରେ ଗ୍ରୀନ୍ ପାର୍କ ଠାରେ ଗୋଟିଏ ଜିଆଖତ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏହାର ଉଦ୍ଦେଶ୍ୟ ହେଲା -

୧. ରାଉରକେଲାରେ ଦୈନିକ କୃଷି, ଜୁଟ୍‌ବ୍ରେନର ନର୍ସରୀ ଓ ବନ ସଂରକ୍ଷଣ ସମିତି ନର୍ସରୀର ଉନ୍ନତି କରିବା ।

୨. ଚାରା ଓ ବୃକ୍ଷଲତାକୁ ଉଚ୍ଚ ପୁଷ୍ଟିଯୁକ୍ତ ସଢ଼ା ଖତ ଯୋଗାଇବା ।

୩. ଉଦ୍ଭିଦ ପାଇଁ ଆବଶ୍ୟକ ବୃଦ୍ଧି ନିୟନ୍ତ୍ରକ ଓ ବୃଦ୍ଧିନାଶକ ହିସାବରେ ଜିଆର ଶରୀର ନିଃସୃତ ଉପାଦେୟ ଏନ୍‌ଜାଇମ ଏବଂ ଆମିନୋ ଅମ୍ଳ ଯୋଗାଇବା ଏବଂ

୪. ବାରମ୍ବାର ରାସାୟନିକ ସାର ବ୍ୟବହାର ଜନିତ ମୃତ୍ତିକା ବିଷାକ୍ତତା ହ୍ରାସ କରିବା ।

ଏହି ୟୁନିଟ୍ ସ୍ଥାପନ କରିବା ପାଇଁ ଟ.୨୦,୦୦୦ ଖର୍ଚ୍ଚ କରାଯାଇଛି । ଏଥିପାଇଁ ବୈଷୟିକ ସହାୟତା ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶକ ପାନପୋଷ ସ୍ଥିତ ଉଦ୍ୟାନବିତ୍‌ଙ୍କ ମାଧ୍ୟମରେ ଯୋଗାଇ ଦେଇଛନ୍ତି । ଏହି ୟୁନିଟ୍‌ର ମୁଖ୍ୟ କୁଣ୍ଡ ୪ ମିଟର ଦୈର୍ଘ୍ୟ, ୩ ମିଟର ପ୍ରସ୍ଥ ଏବଂ ୧ ମିଟର ଗଭୀର ବିଶିଷ୍ଟ । ଏହାକୁ ୩ ଭାଗରେ ବିଭକ୍ତ କରି ନିରନ୍ତର ଖତ ଉତ୍ପାଦନ କରିବାର ବ୍ୟବସ୍ଥା କରାଯାଇଛି । ପ୍ରତିକୂଳ ପାଗରୁ ରକ୍ଷା କରିବା ପାଇଁ ୟୁନିଟ୍ ଉପରେ ଏକ ଛଣ ନିର୍ମିତ ଛାତ ବନ୍ଦୋବସ୍ତ କରାଯାଇଛି ଯାହାର ଆକାର ୬ ମିଟର x ୫ ମିଟର, ପତ୍ର, ପନିପରିବା ବଜାର ସଢ଼ା ପଦାର୍ଥ, ନଡ଼ା ଇତ୍ୟାଦି ଜୈବ-ଅପଘଟିତ ଅଦରକାରୀ ପଦାର୍ଥକୁ କୁଣ୍ଡ ମଧ୍ୟରେ ନିରନ୍ତର ଭାବରେ ୧୫ ସେଣ୍ଟିମିଟର ଉଚ୍ଚ ବିଶିଷ୍ଟ ୬ଟି ସ୍ତର ପୂରଣ କରାଯାଏ । ପ୍ରତି ଆବର୍ଜନା ସ୍ତର ଉପରେ ଗାଈ ଗୋବର ଛିଞ୍ଚାଯାଏ । ଏହି ସ୍ତର ମଧ୍ୟରେ ଏଇସିନା ଫୋଟେଡା ଜାତୀୟ ଜିଆ ଛାଡ଼ିଲେ ଏମାନେ ଆବର୍ଜନାକୁ ଖାଇ ଏଥିରୁ ମୁଖ୍ୟ ଓ ଅଣୁ ଉପାଦାନ ଥିବା ଉତ୍ତମମାନର କମ୍ପୋଷ୍ଟ ପ୍ରସ୍ତୁତ କରନ୍ତି । କୁଣ୍ଡରେ ଜଳୀୟ ଅଂଶ ସ୍ଥିର ରଖିବା ପାଇଁ ନିୟମିତ ଜଳ ସିଂଚନ କରାଯାଏ ଓ କୁଣ୍ଡକୁ ଘୋଡାଇ ରଖାଯାଏ । କୁଣ୍ଡରେ କମ୍ପୋଷ୍ଟ ୪୫ ଦିନରେ ପ୍ରସ୍ତୁତ ହୋଇଯାଏ । ଏହି କମ୍ପୋଷ୍ଟକୁ ପ୍ରକଳ୍ପ ନାମ ଫଳକରେ ବିକ୍ରୟ କରିବାର ବନ୍ଦୋବସ୍ତ କରାଯାଇଛି । ଏହା ଦ୍ୱାରା ୟୁନିଟ୍ ସ୍ୱୟଂ ପୋଷଣୀୟ ହେବା ସହିତ କୃଷକ ଏବଂ ବନସଂରକ୍ଷଣ ସମିତି ସଦସ୍ୟଙ୍କ ନିମନ୍ତେ ଏକ ପ୍ରଦର୍ଶନ କେନ୍ଦ୍ର ହୋଇପାରିବ ।

ତଥ୍ୟ - ଖଣ୍ଡୀୟ ବନ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ମୁଖ୍ୟ, ରାଉରକେଲା

## ଜୀବିକା ପାଇଁ ବୃକ୍ଷ ରୋପଣ

### ସଜନା ଓ ଅମୃତଭଣ୍ଡା ଚାଷ



ଓଡ଼ିଶାର ପ୍ରତ୍ୟେକ ଘରେ ସଜନା ଓ ଅମୃତଭଣ୍ଡା ଜଣାଶୁଣା । ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କର ଖାଦ୍ୟର ଆବଶ୍ୟକତା ପୂରଣ ପାଇଁ ସଜନାର ଶାଗ, ଛୁଇଁ ଓ ଫୁଲକୁ ବ୍ୟବହାର କରାଯାଏ । ଅମୃତଭଣ୍ଡାରେ ପ୍ରଚୁର ଭିଟାମିନ୍ 'ଏ' ଥିବାରୁ ଏହାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମସ୍ତେ ବ୍ୟବହାର କରନ୍ତି । ଦେଓଗଡ଼ର ଖଣ୍ଡୀୟ ପରିଚାଳନା ୟୁନିଟ୍, ପ୍ରକଳ୍ପ ଅନ୍ତର୍ଗତ ମନୋନୀତ ଗ୍ରାମ ଗୁଡ଼ିକର ପ୍ରତି ଘରବାଡ଼ିରେ ଏହି ଦୁଇଟି ଫଳ ଓ ପନିପରିବା ରୋପଣ ହାତକୁ ନେଇଛନ୍ତି ।

ପ୍ରକଳ୍ପର ଗ୍ରାମ୍ୟ ବନ ସହାୟକ ମାନେ ଗ୍ରାମବାସୀମାନଙ୍କୁ ପ୍ରବର୍ତ୍ତାଇ ଆଗ୍ରହୀ ବ୍ୟକ୍ତିଙ୍କର ତାଲିକା ଏପରି ସଜନା ଓ ଅମୃତଭଣ୍ଡା ଚାରା ରୋପଣ ପାଇଁ ପ୍ରସ୍ତୁତ କରିଥିଲେ । ଦେଓଗଡ଼ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ୧୫ଟି ଗ୍ରାମ, ବାରକୋଟ କ୍ଷେତ୍ର ପରିଚାଳନା ୟୁନିଟ୍‌ର ୧୦ଟି ଗ୍ରାମ ଓ ପାଲଲହଡ଼ା କ୍ଷେତ୍ର ପରିଚାଳନା ୟୁନିଟ୍‌ର ୮ଟି ଗ୍ରାମ ଏହି କାର୍ଯ୍ୟକ୍ରମରେ ଜୁନ ୨୦୦୮ ସୁଦ୍ଧା ଅଂଶଗ୍ରହଣ କରିଥିଲେ । ଉନ୍ନତ କିସମର ୧୩୫୦ଟି ଚାରା ୩୧୩ ଘରବାଡ଼ିରେ ଲଗାଇବା ପାଇଁ ଦେଓଗଡ଼ ଉଦ୍ୟାନବିତ୍ ଯୋଗାଇ ଦେଇଥିଲେ ।

ନିଜର ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦେଓଗଡ଼ କ୍ଷେତ୍ର ପରିଚାଳନା ୟୁନିଟ୍ ଅନ୍ତର୍ଗତ କୁରେଇବାସାଲ ଓ ବଡବାଲିପୋଷି ଗ୍ରାମର ଲୋକମାନଙ୍କ ସହ ଏହି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କ ଉତ୍ତର ଉତ୍ସାହପ୍ରଦ ଥିଲା । ଏହି ଗ୍ରାମବାସୀଙ୍କ ଆମ୍ବ ଇତ୍ୟାଦି ଫଳଚାଷର ଦୀର୍ଘ ଦିନର ଅଭିଜ୍ଞତା ରହିଛି । ଏପରି ଉଦ୍ୟମ ଏକ ଛୋଟ ପଦକ୍ଷେପ ହେଲେ ମଧ୍ୟ ଏହା ସଠିକ ଦିଗରେ ଏକ ଉଚିତ ପଦକ୍ଷେପ ।

# ଛତୁ ଉତ୍ପାଦନ

## - ଏକ ଉତ୍ସାହପ୍ରଦ ରୋଜଗାର ସମ୍ଭାବନା



ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠୀ ଏବଂ ଜନଜାତିଙ୍କର ପ୍ରତିପାଳକ ଜୀବିକା ନିରାପତ୍ତା ଉଦ୍ଦେଶ୍ୟରେ ଜଙ୍ଗଲ ଗୁଡ଼ିକର ପୋଷଣୀୟ ଉନ୍ନୟନ ଏବଂ ପରିଚାଳନା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରର ଲକ୍ଷ୍ୟ । ବଜାରରେ ଛତୁର ଚାହିଦାକୁ ଦୃଷ୍ଟିରେ ରଖି ଗାଁ ଗହଳରେ ମିଳୁଥିବା ନଡ଼ା, ବାଉଁଶ, ଘରବାଡ଼ି ଜାଗା ଓ ଜନ ସମ୍ବଳ ବିନିଯୋଗରେ ଛତୁଚାଷ କରାଗଲେ ଗ୍ରାମାଞ୍ଚଳର ଅର୍ଥନୈତିକ ପ୍ରଗତି ହୋଇପାରିବ । ଭଦ୍ରକ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ମୁଖ୍ୟ ଶ୍ରୀ ପି.କେ. ମିଶ୍ର ପରୀକ୍ଷାମୂଳକ ଭାବରେ ଏପ୍ରିଲ ମାସରେ ଭଦ୍ରକ ନିକଟସ୍ଥ ସାତଭଉଣୀ ନର୍ସରୀରେ ଛତୁଚାଷ ଆରମ୍ଭ କରିଥିଲେ । ଏଥିରେ ଅନୁପ୍ରାଣିତ ହୋଇ ଗ୍ରାମ ବନସେବକ ଶ୍ରୀ ଏଚ.ଏନ୍. ପାଢ଼ୀ ଭଦ୍ରକ ଖଣ୍ଡରେ ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି ୨୦୪ଟି ଛତୁ ଶଯ୍ୟା ପ୍ରତିଷ୍ଠା କରିଥିଲେ । ଏହି ପରୀକ୍ଷାରେ ଭଦ୍ରକ ଖଣ୍ଡୀୟ ପରିଚାଳନା ୟୁନିଟ୍ ଏକ ଉତ୍ସାହପ୍ରଦ ଅନୁଭୂତି ଲାଭ କରିଥିଲେ । ଏହି ୟୁନିଟ୍‌ରୁ ପ୍ରାୟ ୧.୫ କୁଇଣ୍ଟାଲ ଛତୁ ଭଦ୍ରକ ବଜାରରେ ବିକ୍ରି ହୋଇଗଲାଣି । ଉପକୂଳବର୍ତ୍ତୀ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠୀମାନଙ୍କ ନିମନ୍ତେ ଏକ ବିକଳ୍ପ ଜୀବିକାର ମାଧ୍ୟମ ହିସାବର ଛତୁଚାଷ ସମ୍ବନ୍ଧୀୟ ଜ୍ଞାନ ଓ ଅନୁଭୂତି ହସ୍ତାନ୍ତର କରିବା ପାଇଁ ଶ୍ରୀ ପାଢ଼ୀ ପ୍ରସ୍ତୁତ ।

ଏପରି ଛତୁ ଚାଷ କରିବାର ଉଦ୍ଦେଶ୍ୟ ଥିଲା ତୃଣମୂଳ ସ୍ତରରେ ଛତୁ ଚାଷ ମାଧ୍ୟମରେ ରୋଜଗାର ବୃଦ୍ଧିକରିବା । ଏଥି ସଂପର୍କିତ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର କରିବା ଏବଂ ବିପଣନ ସୁଯୋଗ ସୃଷ୍ଟିକରିବା । ପ୍ରାରମ୍ଭିକ ଅବସ୍ଥାରେ ଛତୁ ଅମଳ କମ୍ ଥିଲେ ମଧ୍ୟ ବର୍ତ୍ତମାନ ୧୨ଟି ଛତୁ ଶଯ୍ୟାରୁ ଅମଳ ୮ ରୁ ୧୪ କିଲୋଗ୍ରାମକୁ ବୃଦ୍ଧିପାଇଛି । ସହରାଞ୍ଚଳରେ ଛତୁ ବ୍ୟବହାର ବୃଦ୍ଧି ଯୋଗୁଁ ଛତୁ ଚାଷୀଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସୁଯୋଗ ସୃଷ୍ଟିକରିବ । ବର୍ଷରେ ଗୋଟିଏ ପରିବାରକୁ ୮ ମାସ କର୍ମଯୋଗାଣ ସହିତ ଏକ ଲାଭଦାୟକ ବ୍ୟବସାୟ ହିସାବରେ ଛତୁଚାଷକୁ ବିବେଚନା କରାଯାଉଛି ।

---

<u>ଏକ ସଫଳ ରୋଜଗାରକ୍ଷମ କାର୍ଯ୍ୟକ୍ରମ ସହାୟତା</u>

# ତେନ୍ତୁଳି ବ୍ୟବସାୟରେ ଜନଜାତି

ରାୟଗଡ଼ା ଖଣ୍ଡର କରଡ଼ା ଏକ ଛୋଟ ଆଦିବାସୀ ଗ୍ରାମ ଯାହାର ଅଧିବାସୀ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି । ଏହି ଗ୍ରାମଟି ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ବ୍ଲକରେ ଅବସ୍ଥିତ । ରାୟଗଡ଼ା ବନଖଣ୍ଡର ଗୁଣୁପୁର ବନାଞ୍ଚଳରେ ଏହି ଗ୍ରାମ ମଧ୍ୟ ଅନ୍ତର୍ଗତ । ପ୍ରକଳ୍ପ ତରଫରୁ ୨୦୦୭ ମସିହାରୁ ଏହି ଗ୍ରାମରେ ଏକ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି ।

କରଡା ଓ ଆଖପାଖ ଗ୍ରାମର ଲୋକମାନେ ଜଙ୍ଗଲରୁ ପ୍ରଚୁର ତେନ୍ତୁଳି ଓ ଅନ୍ୟାନ୍ୟ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ୮ କିଲୋମିଟର ଦୂରରେ ଥିବା ରାମନାଗୁଡ଼ା ବଜାରରେ ବିକ୍ରୟ କରନ୍ତି । ଏହିସବୁ ଦ୍ରବ୍ୟ କ୍ରୟ ପାଇଁ ବେଳେବେଳେ ଛୋଟ ବ୍ୟବସାୟୀ ଗାଁ କୁ ଆସିଥାଆନ୍ତି ।





କିନ୍ତୁ ସେମାନେ ଲୋକମାନଙ୍କୁ ଓଜନ ଓ ମୂଲ୍ୟରେ ଠକନ୍ତି । ଏହାଦ୍ୱାରା ଗ୍ରାମବାସୀ ମାତ୍ର ଏକ ଚତୁର୍ଥାଂଶ ମୂଲ୍ୟ ପାଇଥାଆନ୍ତି ।



ବନ ସଂରକ୍ଷଣ ସମିତି ସଭାନେତ୍ରୀ ଶ୍ରୀମତୀ ମାଳତି ଦେବୀ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି । ପ୍ରକଳ୍ପ ନିର୍ଦ୍ଦେଶକ, କୋରାପୁଟ ସର୍କଲ ବନ ସଂରକ୍ଷକ ଓ ରାୟଗଡ଼ା ବନଖଣ୍ଡ ଅଧିକାରୀ ଉପସ୍ଥିତ ଅଛନ୍ତି ।

ବନ ସଂରକ୍ଷଣ ସମିତି ଗଠିତ ହେବାପରେ ସମିତି ଓ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଗ୍ରାମ ବନସେବକ ଏହି ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଅଣକାଷ୍ଠ ବନଜାତ ଦ୍ରବ୍ୟର ଉନ୍ନତି ନିମନ୍ତେ ଉଦ୍ୟମ କରିଥିଲେ । କମିଟି ତରଫରୁ ପ୍ରକଳ୍ପରୁ ମିଳୁଥିବା ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ ପାଣ୍ଠି ବିନିଯୋଗରେ ଏକ ୫୦ କିଲୋଗ୍ରାମ ଓଜନ ମେସିନ କିଣାଯିବା ସହିତ ଆବର୍ତ୍ତୀ ପାଣ୍ଠି ହିସାବରେ ବନସଂରକ୍ଷଣ ସମିତିକୁ ଟ୪୦,୦୦୦/- ଯୋଗାଇ ଦିଆଗଲା । ସମାଜ କଲ୍ୟାଣ ମହିଳା ସଞ୍ଚୟ ସମିତି ଓ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତେନ୍ତୁଳି କିଣିବାରେ ଲାଗି ପଡ଼ିଲେ । ଏହି ସମୟରେ ଛୋଟ ବ୍ୟବସାୟୀମାନେ ବହୁ ପ୍ରତିବନ୍ଧକ ସୃଷ୍ଟି କରିବାର ଉଦ୍ୟମ କଲେ । କିନ୍ତୁ ରାୟଗଡ଼ାର ବନଖଣ୍ଡ ଅଧିକାରୀ ଗାଁ କୁ ପରିଦର୍ଶନ ସମୟରେ ବନସଂରକ୍ଷଣ ସମିତି ଓ ବନବିଭାଗ କର୍ମୀଙ୍କୁ ନିମ୍ନ ମୂଲ୍ୟରେ କିଣିଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ତେନ୍ତୁଳିକୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଏହିସବୁ ଦ୍ରବ୍ୟ ନିର୍ଭୟରେ କିଣାବିକା କରିବାକୁ ସାହସ ଦେଇଥିଲେ । ଏହାଯୋଗୁଁ କ୍ଷୁଦ୍ର ବ୍ୟବସାୟୀ ଏ ପ୍ରକାର କାମରୁ ବିରତ ରହିଥିଲେ ।

ଏହି ସ୍ୱୟଂସହାୟକ ଗୋଷ୍ଠୀ ଟ.୭୫,୦୦୦/- ମୂଲ୍ୟର ୧୦୦୦ କୁଇଣ୍ଟାଲ ତେନ୍ତୁଳି ନିଜସ୍ୱ ସଂଚୟରୁ ଏବଂ ବନ ସଂରକ୍ଷଣ ସମିତିର ଆବର୍ତ୍ତୀ ପାଣ୍ଠିରୁ କିଣିଥିଲେ । ଏହି ତେନ୍ତୁଳିକୁ ଟ.୮୩,୦୦୦/- ରେ ବିକ୍ରୟ କରି ସେମାନେ ଟ.୮୦୦୦/- ଲାଭ ପାଇଥିଲେ । ଏହି ଲାଭକୁ ବିନିଯୋଗ କରି ସେମାନେ ଗୋଷ୍ଠୀର ନିଷ୍ପତ୍ତି କ୍ରମେ ବନ ସଂରକ୍ଷଣ ସମିତି ଗୃହକୁ ଲାଗି ଏକ ୧୫ ଫୁଟ X ୧୪ ଫୁଟ ଆୟତନ ବିଶିଷ୍ଟ ଗୋଦାମ ଘର ନିର୍ମାଣ କଲେ । ଏହି ଦୁଇ ଗୋଷ୍ଠୀ ଋଣ ପରିଶୋଧ ଜୁନ ମାସରେ କରିଥିଲେ । ସେମାନେ ଏପରି ତେନ୍ତୁଳି ବ୍ୟବସାୟ ପ୍ରକଳ୍ପ ସହାୟତାରେ ଆସନ୍ତା ବର୍ଷ ମଧ୍ୟ କରିବାକୁ ଯୋଜନା କରିଛନ୍ତି ।

ତଥ୍ୟ - ଶ୍ରୀମତୀ ମାଳତୀ ଦେବୀ, ସୁଚିକା ବନସଂରକ୍ଷଣ ସମିତି ସଭାନେତ୍ରୀ ବଳରାମ ବୋଆଇକା, ବନ ସଂରକ୍ଷଣ ସମିତି ଏନିମେଟର

# ଘଟଣା ଅନୁଶୀଳନ

## .....ଅନୁଗୋଳ ଖଣ୍ଡରୁ



### ଯେଉଁଠି ଦେବୀ ହେଉଛନ୍ତି ବନପାଳ

ଅନୁଗୋଳ ବନଖଣ୍ଡର ରାଇଗୋଡ଼ା ରେଞ୍ଜର ବାରଗଉଣିଆ ହେଉଛି ଏକ ଅଗମ୍ୟ ଗ୍ରାମ । ଗାଁ ଚାରିପାଖରେ ପାହାଡ଼ ଓ ସଂରକ୍ଷିତ ଜଙ୍ଗଲ ଥିବାରୁ ଲୋକମାନେ ଜୀବିକା ନିର୍ବାହ ପାଇଁ ବନଜାତ ସମ୍ବଳ ଉପରେ ମୁଖ୍ୟତଃ ନିର୍ଭରଶୀଳ । କୋଡ଼ିଏ ବର୍ଷ ପୂର୍ବେ ଗ୍ରାମବାସୀ ଜଙ୍ଗଲ ପରିଚାଳନା ପାଇଁ ଏକ କମିଟି ଗଠନ କରିଥିଲେ, କିନ୍ତୁ ଜଙ୍ଗଲ ଜଗାରଖା ପାଇଁ କୌଣସି ଜଗୁଆଳ ନିଯୁକ୍ତି କରିନଥିଲେ । ଗ୍ରାମବାସୀମାନଙ୍କର ବିଶ୍ୱାସ ମା' ପାଣ୍ଡରାଣୁଣୀ ସେମାନଙ୍କର ଜଙ୍ଗଲର ସୁରକ୍ଷା ନିମନ୍ତେ ବନପାଳ ଅଟନ୍ତି । ଏହା ବିଶ୍ୱାସ ନହେଲେ ମଧ୍ୟ ସତ । ଏହି ଦେବୀଙ୍କ ନାମରେ ଜଙ୍ଗଲର ସୁରକ୍ଷା କରାଯାଉଛି । ପ୍ରତିବର୍ଷ ପ୍ରାୟ ୧୦,୦୦୦ ପରିଦର୍ଶକ ୧୦୫-୧୧୦ ଗ୍ରାମରୁ ଆସି ଏହି ସ୍ଥାନ ଭ୍ରମଣ କରି ଦେବୀଙ୍କ ପୂଜା ଆରାଧନା କରନ୍ତି । ସେମାନଙ୍କର ରୋଗ ଓ ପ୍ରାଣୀମାନଙ୍କ ରୋଗ ଚିକିତ୍ସା ପରେ ଏହି ଜଙ୍ଗଲରୁ ଫେରନ୍ତି । ଏହା ଏକ ଶତାବ୍ଦୀର ପରମ୍ପରା । ପ୍ରତିବର୍ଷ ପର୍ଯ୍ୟଟକ ମାନଙ୍କ ଦାନସୂତ୍ରରୁ ପ୍ରାୟ ଟ.୨୫,୦୦୦/- ସଂଗୃହୀତ ହୁଏ । ଏହା ଗୋଷ୍ଠୀ ଉନ୍ନୟନ ଓ ବନ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ । ଏହି ଗ୍ରାମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଗୋଷ୍ଠୀ ସହଭାଗିତାରେ ବିଭିନ୍ନ କାର୍ଯ୍ୟକ୍ରମ ନିଷ୍ପାଦନ କରାଯାଉଛି ।



### ଭୂଦାନ ଓ ଶ୍ରମଦାନ ଏବେ ମଧ୍ୟ ବଞ୍ଚିଛି

ଗ୍ରାମରେ ବାସ କରୁଥିବା ଲୋକଙ୍କର ଭୂମି ହେଉଛି ଶ୍ରେଷ୍ଠ ସଂପତ୍ତି । ସର୍ବସାଧାରଣ ଉଦ୍ଦେଶ୍ୟରେ ଭୂମି ଦାନ ଏକ ଅତୀତର ବିଷୟ ହୋଇଯାଇଛି । କିନ୍ତୁ ଅନୁଗୋଳ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ରାଇଗୋଡ଼ା କ୍ଷେତ୍ରୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ନୂଆଖେଡାର ୬୦ ବର୍ଷ ବୟସ୍କ ବନ ସଂରକ୍ଷଣ ସମିତି ସଭାପତି ଶ୍ରୀ ଦୁର୍ଯୋଧନ ସାହୁ ୪୫୦ ବର୍ଗଫୁଟ ଜମି ଦାନ କରିଛନ୍ତି । ଏହି ଜମି ରାସ୍ତା କଡ଼ରେ ଥିବାରୁ ନୂଆଖେଡ଼ା ଗ୍ରାମର ବନ ସଂରକ୍ଷଣ ସମିତି ଗୃହ ନିର୍ମାଣ କରି ସମସ୍ତ ଗ୍ରାମର ହିତସାଧନ ପାଇଁ ସେ ଏହି ଜମି ଦାନ କରିଛନ୍ତି ।

ସେ ମଧ୍ୟ ବନ ସଂରକ୍ଷଣ ସମିତିର ବିକାଶ ପାଇଁ ନିଜର ଚୌକି ଛାଡ଼ି ଏହାର ନେତୃତ୍ୱ ଯୁବ ପିଢ଼ିକୁ ନ୍ୟସ୍ତ କରିଛନ୍ତି । ଏପରି ନେତୃତ୍ୱ ପ୍ରକଳ୍ପର ଅନ୍ୟାନ୍ୟ ବନ ସଂରକ୍ଷଣ ସମିତିକୁ ପଥ ପ୍ରଦର୍ଶନ କରିପାରିଛି । ଏହି କ୍ଷେତ୍ରୀୟ ପରିଚାଳନା ୟୁନିଟ୍‌ର ଗ୍ରାମ ବନ ସେବକ ଓ ସହଭାଗୀ ବେସରକାରୀ ସଂଗଠନ ଦଳର ସଦସ୍ୟମାନଙ୍କ ଗୋଷ୍ଠୀ ଗତିଶୀଳନ ଏବଂ ବଳିଷ୍ଠ ପ୍ରେରଣା ଯୋଗୁଁ ଏପରି ଭୂଦାନ ଓ ଶ୍ରମଦାନ ସମ୍ଭବ ହୋଇ ପାରିଛି ।



### ଆଉ ଜଣେ ନୂତନ ଉଦ୍ୟୋଗୀ

ଅନୁଗୋଳ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ରାଇଗୋଡ଼ା କ୍ଷେତ୍ରୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ନୂଆଖେଡା ବନ ସଂରକ୍ଷଣ ସମିତିର ୪୫ବର୍ଷ ବୟସ୍କ ଶ୍ରୀ ଅଶୋକ କୁମାର ପ୍ରଧାନ ଜଣେ ସାଧାରଣ କୃଷକରୁ ଉଦ୍ୟୋଗକାରୀ ହୋଇପାରିଛନ୍ତି । ଗ୍ରାମର ବନ ସଂରକ୍ଷଣ ସମିତିର ସର୍ବସମ୍ମତ ସମର୍ଥନ ପାଇ ପ୍ରକଳ୍ପର ବିକେନ୍ଦ୍ରୀକୃତ ନର୍ସରୀ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଏକ ନର୍ସରୀ ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେ ନିଜର ଜମି ବିନିଯୋଗ କରି ୨୦୦୮ ଜୁଲାଇ ମାସରେ ବନ ସଂରକ୍ଷଣ ସମିତିର ଆବଶ୍ୟକତା ଅନୁଯାୟୀ ଚାରା ଯୋଗାଣ କରିଥିଲେ । ଜୁନ୍ ମାସ ସୁଦ୍ଧା ସେ ନିଜର ଏକ ଲକ୍ଷ ଟଙ୍କା ବିନିଯୋଗରେ ଏବଂ ନିଜର ଶ୍ରମ ବିନିଯୋଗରେ ୭୪,୦୦୦ ଉଭମ ମାନର ଚାରା ଗଛ ପଲିଥିନ ମୁଣିରେ ପ୍ରସ୍ତୁତ କରିଥିଲେ ଯାହାକି ଜୁଲାଇ ମାସ ସୁଦ୍ଧା ରୋପଣଯୋଗ୍ୟ ହୋଇପାରିବ । ଏହି ଚାରା ବିକ୍ରୟ କରି ସେ ଟ.୨,୩୩,୦୦୦/ ରୋଜଗାର କରିବା ଆଶା କରନ୍ତି । ୬ ମାସ ମଧ୍ୟରେ ଏପରି ପୁଞ୍ଜିବିନିଯୋଗରୁ ସେ ପ୍ରାୟ ଟ.୧,୩୩,୦୦୦ ଲାଭ ପାଇବାର ଆଶା ରଖିଛନ୍ତି । ତାଙ୍କର ହିସାବ ଅନୁଯାୟୀ ଏହି ଉଦ୍ୟୋଗରୁ ଖର୍ଚ୍ଚ ଓ ପ୍ରତ୍ୟାର୍ପଣ ହାର ୧:୨.୩ ହେବା ନିଶ୍ଚିତ ଯାହାକି ଅତ୍ୟନ୍ତ ଉତ୍ସାହ ଜନକ । ଏପରି ଚାରା ପ୍ରସ୍ତୁତି ପାଇଁ ସଂପୃକ୍ତ ଗ୍ରାମ ବନ ସେବକ ଓ କ୍ଷେତ୍ରୀୟ ପରିଚାଳନା ୟୁନିଟ୍‌ର ମୁଖ୍ୟଙ୍କ ଠାରୁ ବୈଷୟିକ ପରାମର୍ଶ ଗ୍ରହଣ କରିଥିଲେ । ଏପରି ଲାଭ ପାଇବା ଯୋଗୁଁ ସେ ସ୍ଥାନୀୟ ଲୋକଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଜଙ୍ଗଲ ଚାରା ଓ ଉଦ୍ୟାନ ଚାରା ପ୍ରସ୍ତୁତ ପାଇଁ ଆଗ୍ରହୀ ହେବା ସହିତ ଭବିଷ୍ୟତରେ ଏପରି ଉଦ୍ୟୋଗକୁ ଚାଲୁ ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ରୋଜଗାରକ୍ଷମ କାର୍ଯ୍ୟକ୍ରମ ମାଧ୍ୟମରେ କୁଣ୍ଢେଇଡିହାର ମହିଳା ଆଗଉଛନ୍ତି




ବଣେଇ ବନଖଣ୍ଡର ଗୁରୁଣ୍ଡିଆ ବ୍ଲକ୍ ଏବଂ କର୍ଡ଼ା କ୍ଷେତ୍ରୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ କୁଣ୍ଢେଇଡିହା ଗ୍ରାମର ୧୨ଜଣ ମହିଳା ଏକ ସ୍ୱୟଂ ସହାୟକ ଗୋଷ୍ଠୀ ୨୦୦୬ ମସିହାରେ ଗଠନ କରି ଏହାର ନାମ ଲକ୍ଷ୍ମୀପ୍ରିୟା ଦେଇଥିଲେ । ସେମାନେ ସମସ୍ତେ ଦାରିଦ୍ର୍ୟ ସୀମାରେଖା ନିମ୍ନରେ ରହିଥିବାରୁ ସେମାନଙ୍କ ଜୀବିକା ନିର୍ବାହ ପାଇଁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରୁଥିଲେ । ସେମାନଙ୍କ ଗ୍ରାମରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରିବା ପୂର୍ବରୁ ସେମାନେ କେବଳ ନିଜ ଗୋଷ୍ଠୀର ସଞ୍ଚୟ ଉପରେ ନିର୍ଭର କରୁଥିଲେ । ବନ ସଂରକ୍ଷଣ ସମିତି କାର୍ଯ୍ୟକ୍ରମରେ ଯୋଗ ଦେଇ ସମିତିରୁ ମିଳୁଥିବା ଆବର୍ତ୍ତୀ ପାଣ୍ଠି ବିନିଯୋଗରେ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କଲେ । ସେମାନଙ୍କର ନିଜସ୍ୱ ଉଦ୍ୟମଯୋଗୁଁ ୨୦୦୮ ଏପ୍ରିଲ ମାସରେ କୁଣ୍ଢେଇଡିହା ବନ ସଂରକ୍ଷଣ ସମିତି ଟ.୨୫,୦୦୦/ ଋଣ ମଞ୍ଜୁର କରିଥିଲେ । ଏହାକୁ ବିନିଯୋଗ କରି ସ୍ୱୟଂ ସହାୟକ ଗୋଷ୍ଠୀ ଧାନରୁ ଚାଉଳ ପ୍ରସ୍ତୁତ କରି ଏହି ବ୍ୟବସାୟ ମାଧ୍ୟମରେ ମାସରେ ଟ.୩୪୫୦/- ଲାଭ ପାଇପାରିଛନ୍ତି । ଏପ୍ରକାର ସହାୟତା ପାଇଁ ସେମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପକୁ ଧନ୍ୟବାଦ ଜଣାଇବା ସହିତ ସେମାନଙ୍କର ଆତ୍ମପ୍ରତ୍ୟୟ ବୃଦ୍ଧି କରିପାରିଛନ୍ତି । ଚାଉଳ ବ୍ୟବସାୟ ବ୍ୟତୀତ ଅନ୍ୟାନ୍ୟ ରୋଜଗାରକ୍ଷମ କାର୍ଯ୍ୟକ୍ରମ ନେଇ କୁଣ୍ଢେଇଡିହା ଗ୍ରାମର ମହିଳାମାନେ ଆଗେଇ ଚାଲିଛନ୍ତି । ସୁନନ୍ଦିନୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ବନ ସଂରକ୍ଷଣ ସମିତିର ଆବର୍ତ୍ତୀ ପାଣ୍ଠିରୁ ଟ.୨୫୦୦୦/ ଋଣ ନେଇ ଅଣକାଷ୍ଠ ବନଜାତ ଦ୍ରବ୍ୟ ବ୍ୟବସାୟ ଆରମ୍ଭ କରିଛନ୍ତି । ଗତ ଋତୁରେ ଏହି ଗୋଷ୍ଠୀ ସାଳ ମଞ୍ଜି ଓ ମହୁଲ ସଂଗ୍ରହ କରି ସ୍ଥାନୀୟ ହାଟରେ ବିକ୍ରୟ କରିଥିଲେ । ଶାଳ ମଞ୍ଜି କିଲୋଗ୍ରାମ ପ୍ରତି ଟ.୯/- ରେ କିଣି ଟ.୧୦/- ବିକ୍ରୟ କରିଥିଲେ । ସେହିପରି ମହୁଲ କିଲୋପ୍ରତି ଟ.୪.୫୦ ରେ କିଣି ଟ.୫/- ରେ ବିକ୍ରୟ କରିଥିଲେ । ଏପ୍ରକାର ବ୍ୟବସାୟରୁ ଏହି ଗୋଷ୍ଠୀ ଟ.୩୫୦୦/- ଲାଭ ପାଇଥିଲେ ।

ତଥ୍ୟ - ରକ୍ମିଣୀ ପାତ୍ର, ସଭାନେତ୍ରୀ ଓ ଜୟନ୍ତି ପାତ୍ର, ସଂପାଦିକା

# ପ୍ରକଳ୍ପ ଝଲକ .......



ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ କାୟାପାନଧର ବନସଂରକ୍ଷଣ ସମିତି ସଭାପତିଙ୍କ ଦ୍ୱାରା ବୈଠକ ଗୃହ ଉଦ୍‌ଘାଟନ





Dimirimunda VSS Building

## ଯୁଗ୍ମ ବନ ପରିଚାଳନା ଆନୁଷ୍ଠାନିକୀ କରଣ




## ଦୀପ୍ତିମାନ ସଂକେତ



ଜଙ୍ଗଲ ସଫା



ନର୍ସରୀ





ବନବିଦ୍ୟା

ଗାତଖୋଳା



କ୍ଷେତ୍ର ଅବଧାରଣା ପାଇଁ ପ୍ରକଳ୍ପ କର୍ମକର୍ତ୍ତା

ହାତୀ ଆକ୍ରମଣରୁ ନର୍ସରୀ ସୁରକ୍ଷା



ସହଭାଗୀ ଉନ୍ନୟନ



ପନିପରିବା ବିହନ ବଣ୍ଟନ



ରୋଜଗାରକ୍ଷମ କାର୍ଯ୍ୟକ୍ରମ ହିସାବରେ ଛତୁଚାଷ



ଉଠାଜଳ ସେଚନ ସୁବିଧା





## ଜୀବିକା ନିର୍ବାହନ ଉନ୍ନତି



# Nakshatra Van

# ନକ୍ଷତ୍ର ବଣ

କେତେକ ବୃକ୍ଷ ଓ ଛୋଟ ତାରାକୁ ଏମାନଙ୍କର ଗ୍ରହନକ୍ଷତ୍ରିୟ ପ୍ରଭାବ ଯୋଗୁ ନକ୍ଷତ୍ର ବଣ କୁହାଯାଏ । ଏପରି ବୃକ୍ଷମାନଙ୍କର ଐଶ୍ୱରିକ ଗୁଣକୁ ଧର୍ମଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଯେ କୌଣସି ବ୍ୟକ୍ତି ନିଜର ରାଶିନକ୍ଷତ୍ର ଅନୁସାରେ ଏପରି ବୃକ୍ଷରୋପଣ କଲେ ସେ ସଫଳ ଓ ଲାଭପ୍ରାପ୍ତ ହୋଇଥାଆନ୍ତି । ୨୭ ନକ୍ଷତ୍ରର (ଚନ୍ଦ୍ର ସମ୍ବନ୍ଧୀୟ ନକ୍ଷତ୍ର ମଣ୍ଡଳ) ପ୍ରତ୍ୟେକଟିର ଗୋଟିଏ ସ୍ୱତନ୍ତ୍ର ବୃକ୍ଷ ସହିତ ସଂପର୍କ ରହିଛି । ଆମ ପାଠକ ମାନଙ୍କର ମଙ୍ଗଳ ପାଇଁ ଏହାର ଏକ ତାଲିକା ଯୋଗାଇ ଦିଆଯାଇଛି । ଆପଣଙ୍କ ରାଶିନକ୍ଷତ୍ର ଅନୁଯାୟୀ ଏପରି ଏକ ବୃକ୍ଷରୋପଣ କରି ଆପଣଙ୍କ ଜୀବନର ହିତସାଧନ କରନ୍ତୁ ।

| କ୍ର.ସଂ. | ରାଶି | ନକ୍ଷତ୍ର | ଆରାଧ୍ୟ ବୃକ୍ଷ |
|---|---|---|---|
| ୧ | ମେଷ | ଅଶ୍ୱିନୀ | କୋଚିଲା<br>Strychnos-nux-vomica |
| | | ଭରଣୀ | ଅଁଳା<br>Emblica offcinalis |
| | | କୃତ୍ତିକା | ଉଦୁମ୍ବର<br>Ficus racemosa |
| ୨ | ବୃଷ | ରୋହିଣୀ | ଜାମୁ<br>Syzygium cumini |
| | | ମୃଗଶିରା | ଖଇର<br>Acacia catechu |
| ୩ | ମିଥୁନ | ଆର୍ଦ୍ରା | ଅଗରୁ<br>Aquilaria agallocha |
| | | ପୁନର୍ବସୁ | ଶାଳିଆ ବାଉଁଶ<br>Dendrocalamus strictus |
| ୪ | କର୍କଟ | ପୁଷ୍ୟା | ଅଶ୍ୱତ୍ଥ<br>Ficus reliosa |
| | | ଅଶ୍ଳେଷା | ନାଗକେଶର, ନାଗେଶ୍ୱର<br>Mesus Ferrea |
| ୫ | ସିଂହ | ମଘା | ବର<br>Ficus benghalensis |
| | | ପୂର୍ବାଫାଃ | ପଳାସ<br>Butea monosperma |
| | | ଉତ୍ତରାଫାଃ | କନିନିକା<br>Ficus |
| ୬ | କନ୍ୟା | ହସ୍ତା | ଚାମେଲି<br>Jasminum grandiflorum |
| | | ଚିତ୍ରା | ବେଲ<br>Aegle marmelos |
| ୭ | ତୁଳା | ସ୍ୱାତୀ | ଅର୍ଜୁନ<br>Terminalia arjuna |
| | | ବିଶାଖା | ଗଉରକୋଷା<br>Maytenus emarginatus |
| ୮ | ବିଛା | ଅନୁରାଧା | ବଉଳ<br>mimusops elengi |
| | | ଜ୍ୟେଷ୍ଠା | ପାଇନ<br>Pine |
| ୯ | ଧନୁ | ମୂଳା | ଶାଳ<br>Shorea robusta |
| | | ପୂର୍ବାଷାଢ଼ା | ବେତ<br>Calamus rotang |
| | | ଉତ୍ତରାଷାଢ଼ା | ପଣସ<br>Artocarpus heterophyllus |
| ୧୦ | ମକର | ଶ୍ରବଣା | ଅରଖ<br>Calotropis procera |
| | | ଧନିଷ୍ଠା | ଶମୀ<br>Prosopis cineraria |
| ୧୧ | କୁମ୍ଭ | ଶତଭିଷା | କଦମ୍ବ<br>Anthocephalus cadamba |
| | | ପୂର୍ବା ଭାଦ୍ର | ଆମ୍ବ<br>Mangifera indica |
| ୧୨ | ମୀନ | ଉତ୍ତରାଭାଦ୍ର | ନିମ<br>Azadirachta indica |
| | | ରେବତୀ | ମହୁଲ<br>Madhuca indica |

## ବନ ସଂରକ୍ଷଣ ସମିତି ବୈଠକ ଖାତା






... ବ୍ୟାଙ୍କ ପାଶ ବୁକ୍

## ପ୍ରକାଶନ
(୨୦୦୮ ଜୁଲାଇ ସୁଦ୍ଧା)




| କ୍ରମ ସଂଖ୍ୟା | ବିଷୟସୂଚୀ | ପ୍ରକାଶନ ମାସ/ବର୍ଷ |
|---|---|---|
| | **ଆଭ୍ୟନ୍ତରୀଣ ପ୍ରକାଶନ** | |
| ୧ | ପ୍ରକଳ୍ପ ସ୍ମାରକ ପତ୍ର | ଅଗଷ୍ଟ, ୨୦୦୬ |
| ୨ | ଉପବିଧି | ଅଗଷ୍ଟ, ୨୦୦୬ |
| ୩ | ହିସାବ ପଦ୍ଧତି | ସେପ୍ଟେମ୍ବର, ୨୦୦୬ |
| | **ସାର୍ବଜନୀନ ବଣ୍ଟନ ପାଇଁ ପ୍ରକାଶନ** | |
| ୧ | ପ୍ରକଳ୍ପ ସାରାଂଶ | ଅକ୍ଟୋବର, ୨୦୦୬ |
| ୨ | ପ୍ରକଳ୍ପ ସାରାଂଶ (ଓଡ଼ିଆ) | ଅକ୍ଟୋବର, ୨୦୦୬ |
| ୩ | ଓ.ଏଫ୍.ଏସ୍.ଡି.ପି. ତଥ୍ୟ ପୁସ୍ତିକା ଡିସେମ୍ବର, ୨୦୦୬ | |
| ୪ | ଓ.ଏଫ୍.ଏସ୍.ଡି.ପି. ତଥ୍ୟ ପୁସ୍ତିକା (ଓଡ଼ିଆ) ଡିସେମ୍ବର, ୨୦୦୬ | |
| ୫ | ସୂଚନା ପତ୍ର (ଇଂରାଜୀ ଓ ଓଡ଼ିଆ) ଭାଗ -୧ ସଂସ୍କରଣ-୧ | ଜୁଲାଇ, ୨୦୦୭ |
| ୬ | ସୂଚନା ପତ୍ର (ଇଂରାଜୀ ଓ ଓଡ଼ିଆ) ଭାଗ -୧ ସଂସ୍କରଣ-୨ | ଅକ୍ଟୋବର, ୨୦୦୭ |
| ୭ | ବନ ସଂରକ୍ଷଣ ସମିତି ଅଣୁଯୋଜନା ଫ୍ଲିପଚାର୍ଟ (ଓଡ଼ିଆ) | ଅକ୍ଟୋବର, ୨୦୦୭ |
| ୮ | ଅଣୁଯୋଜନା ପ୍ରସ୍ତୁତି - ସୁଗମକାରୀଙ୍କ ହସ୍ତପୁସ୍ତିକା | ଅକ୍ଟୋବର, ୨୦୦୭ |
| ୯ | ପ୍ରଶିକ୍ଷକଙ୍କ ତାଲିକା ରିପୋର୍ଟ | ଅକ୍ଟୋବର, ୨୦୦୭ |
| ୧୦ | ବନ ସଂରକ୍ଷଣ ସମିତିର ଭୂମିକା-ପୋଷ୍ଟର (ଓଡ଼ିଆ) | ଅକ୍ଟୋବର, ୨୦୦୭ |
| ୧୧ | ବନ ସଂରକ୍ଷଣ ସମିତି ପରିଚାଳନା ପ୍ରକରଣ ପୁସ୍ତିକା | ନଭେମ୍ବର ୨୦୦୭ |
| ୧୨ | ଅଣୁଯୋଜନା ଫର୍ମାଟ (ଓଡ଼ିଆ) | ନଭେମ୍ବର ୨୦୦୭ |
| ୧୩ | ସୂଚନାପତ୍ର (ଓଡ଼ିଆ ଓ ଇଂରାଜୀ) ଭାଗ-୧, ସଂସ୍କରଣ-୩ | ଜାନୁୟାରୀ, ୨୦୦୮ |
| ୧୪ | ଏନ୍.ଜି.ଓ ମାର୍ଗଦର୍ଶିକା ଓ ଫର୍ମାଟ | ଫେବୃୟାରୀ, ୨୦୦୮ |
| ୧୫ | ପ୍ରଶିକ୍ଷକଙ୍କ ପ୍ରକରଣ ପୁସ୍ତିକା | ଫେବୃୟାରୀ, ୨୦୦୮ |
| ୧୬ | ଅଣୁଯୋଜନା ପ୍ରଶିକ୍ଷଣ ବିବରଣୀ | ଫେବୃୟାରୀ, ୨୦୦୮ |
| ୧୭ | ସୂଚନାପତ୍ର (ଓଡ଼ିଆ ଓ ଇଂରାଜୀ) ଭାଗ-୨, ସଂସ୍କରଣ-୧ | ଏପ୍ରିଲ, ୨୦୦୮ |
| ୧୮ | ଆମ ଜଙ୍ଗଲ ପରିଚାଳନା ପୋଷ୍ଟର | ଜୁନ୍, ୨୦୦୮ |
| ୧୯ | ଜଙ୍ଗଲ ଆମ ପାଇଁ ଓ ଆମ ଦ୍ୱାରା | ଜୁନ୍, ୨୦୦୮ |
| ୨୦ | ଜଙ୍ଗଲ ଅଭିବୃଦ୍ଧି ଓ ଗ୍ରାମ୍ୟବିକାଶ | ଜୁନ୍, ୨୦୦୮ |

## ଆଶାର ନୌକା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କାର୍ଯ୍ୟକ୍ରମ ହାତକୁ ନେଲେ । ଶେଷରେ ଅଣୁଯୋଜନା କାର୍ଯ୍ୟ ସଂପୂର୍ଣ୍ଣ କରାଗଲା । ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ ପାଣ୍ଠି ବିନିଯୋଗରେ କିଣାଗଲା ଏକ ମୋଟର ଚାଳିତ ନୌକା (ଦୈର୍ଘ୍ୟ ୩୮ ଫୁଟ ଓ ପ୍ରସ୍ଥ ୫ ଫୁଟ) । ଏହା ଦ୍ୱାରା ଲୋକମାନଙ୍କର ଗମନାଗମନ ଅସୁବିଧା ସମାଧାନ ହେବା ସହିତ ଗୋଷ୍ଠୀମାନଙ୍କର ଆତ୍ମପ୍ରତ୍ୟୟ ସୃଷ୍ଟି ସହିତ ଏକଜୁଟ୍ ଉଦ୍ୟମ ପାଇଁ ସହାୟକ ହେଲା ।

### ପିତାମହଲ ବନ ସଂରକ୍ଷଣ ସମିତି ପାଇଁ ପ୍ରବେଶ ସ୍ଥଳ କାର୍ଯ୍ୟକ୍ରମର ସ୍ୱାତନ୍ତ୍ରତା -

ଅତୀତରେ କୌଣସି ଉନ୍ନୟନ ସଂସ୍ଥା ସେମାନଙ୍କର ସମସ୍ୟା ସମାଧାନ କରିନଥିବା ସ୍ଥଳେ ପ୍ରକଳ୍ପ ଏହି ସମସ୍ୟାର ସମାଧାନ କରିଥିବାରୁ ଗ୍ରାମବାସୀ ପ୍ରକଳ୍ପ ନିକଟରେ କୃତଜ୍ଞ । ଅଣୁଯୋଜନା ପ୍ରସ୍ତୁତି ସମୟରେ ଗ୍ରାମବାସୀଙ୍କର ଅନ୍ତର୍ଦ୍ଦୃଷ୍ଟି ଓ କ୍ଷେତ୍ରପରିଚାଳନା ୟୁନିଟ୍‌ର ଦଳଙ୍କ ଦ୍ୱାରା ସମସ୍ୟା ଚିହ୍ନଟ ଯୋଗୁଁ ଏହା ସମ୍ଭବ ହେଲା । ଏହାଯୋଗୁଁ ଲୋକମାନଙ୍କର ବହୁ ସମସ୍ୟା ସମାଧାନ କରାଯାଇପାରିଛି । ଛାତ୍ରଛାତ୍ରୀ ନିୟମିତ ଶିକ୍ଷାଲାଭ ନିମନ୍ତେ କାଡିହିପା ଯାଇପାରୁଛନ୍ତି, ରୋଗୀମାନେ ତୁରନ୍ତ ଚିକିତ୍ସା ସୁବିଧା ପାଇ ପାରୁଛନ୍ତି ଏବଂ ଗ୍ରାମବାସୀ ବାହାର ଅଞ୍ଚଳକୁ ଯାଇ ବଜାର ସୁବିଧା ପାଉଛନ୍ତି । ଏହି ଅଞ୍ଚଳରେ ପର୍ଯ୍ୟଟନ ଓ ବଣଭୋଜିର ସୁବିଧା ଥିବାରୁ ଅଧିକ ସଂଖ୍ୟାକ ମୋଟର ଚାଳିତ ନୌକାର ବନ୍ଦୋବସ୍ତ କରାଗଲେ ସ୍ଥାନୀୟ ଅଞ୍ଚଳର ଉନ୍ନତି ସହ ରାଜସ୍ୱ ମିଳିପାରିବ ।

**ତଥ୍ୟ - ରାଜକିଶୋର ଜୁଲୁ**
ଦଳପତି, ଅଣସରକାରୀ ସଂଗଠନ "ଯୁବଶକ୍ତି"

OFSDP
Orissa Forestry Sector Development Project
Newsletter

ଜାପାନ ଆନ୍ତର୍ଜାତୀୟ ବ୍ୟାଙ୍କ ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନା ପତ୍ର ସମସ୍ତ ଅଂଶୀଦାରଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟକ୍ରମ ତଥ୍ୟ ଯୋଗାଇଥାଏ ।

କୌଣସି ମନ୍ତବ୍ୟ ଓ ପ୍ରସ୍ତାବ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ :

**ମାନସ ରଞ୍ଜନ ଭଞ୍ଜ, ଭା.ବ.ସେ.**
ଉପ ପ୍ରକଳ୍ପ ନିର୍ଦ୍ଦେଶକ

**ପ୍ରକାଶକ :**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର,
ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬
ଫ୍ୟାକ୍ସ - ୦୬୭୪-୨୩୮୪୦୮୫,
E-mail : webmail@ofsdp.org,
http:\\www.ofsdp.org

**ମୁଦ୍ରାକାର :**
ଜ୍ୟୋତିଗ୍ରାଫିକ୍ସ
ଫୋନ - ୦୬୭୪-୨୫୪୪୨୦୯
E-mail : jyotigraphics@gmail.com